# ଅର୍ଥନୀତି

## ପ୍ରଥମ ଅଧ୍ୟାୟ

## ପ୍ରଥମ ପାଠ - ଆର୍ଥନୀତିକ ବିକାଶ

ଆର୍ଥନୀତିକ ବିକାଶ କହିଲେ ସାଧାରଣତଃ ଦେଶର ଅର୍ଥନୀତି କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ଅଭିବୃଦ୍ଧିକୁ ବୁଝାଏ । ଅର୍ଥାତ୍, ଅନ୍ୟ ଭାଷାରେ କହିଲେ, ଦେଶର ମୋଟ୍ ଜାତୀୟ ଆୟ ଏବଂ ମୁଣ୍ଡପିଛା ଆୟରେ କ୍ରମାଗତ ବୃଦ୍ଧି ହେବା । କୌଣସି ଦେଶରେ ଉତ୍ପାଦିତ ଦ୍ରବ୍ୟ ଓ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ବହିରାଗତ ଆୟ ସମୂହର ସମଷ୍ଟିକୁ ସେହି ଦେଶର ମୋଟ୍ ଜାତୀୟ ଆୟ କୁହାଯାଏ । ଜାତୀୟ ଆୟକୁ ସେହି ଦେଶର ଜନସଂଖ୍ୟା ଦ୍ୱାରା ଭାଗ କଲେ ଉକ୍ତ ଦେଶର ମୁଣ୍ଡପିଛା ଆୟ ଆକଳନ କରିହୁଏ ।

$$\text{ମୁଣ୍ଡପିଛା ଆୟ} = \frac{\text{ମୋଟ ଜାତୀୟ ଆୟ}}{\text{ମୋଟ ଜନସଂଖ୍ୟା}}$$

ଯେଉଁ ଦେଶର ଜାତୀୟ ଆୟରେ କ୍ରମାଗତ ବୃଦ୍ଧି ଘଟୁଥାଏ ଓ ଜନସଂଖ୍ୟା ନିୟନ୍ତ୍ରଣ ଅବସ୍ଥାରେ ଥାଏ, ସେ ଦେଶର ମୁଣ୍ଡପିଛା ଆୟରେ ଅଭିବୃଦ୍ଧି ଘଟେ । ପୃଥିବୀରେ ଏପରି ଅନେକ ଦେଶ ଅଛନ୍ତି ଯେଉଁମାନେକି ଜନସଂଖ୍ୟାକୁ ନିୟନ୍ତ୍ରଣ ନ କରିପାରିବା ଯୋଗୁ ଆର୍ଥନୀତିକ ଅଭିବୃଦ୍ଧି ସତ୍ତ୍ୱେ ସେମାନଙ୍କର ମୁଣ୍ଡପିଛା ଆୟରେ ବୃଦ୍ଧି ହେଉନାହିଁ । ଉଦାହରଣ ସ୍ୱରୂପ ମଧ୍ୟ-ଆଫ୍ରିକୀୟ ଦେଶ ସମୂହ । ଉପଲବ୍ଧ ସମ୍ବଳର ବିନିଯୋଗ କରି ମୋଟ ଜାତୀୟ ଆୟ ଏବଂ ମୁଣ୍ଡପିଛା ଆୟରେ ବୃଦ୍ଧି କରିବା ପାଇଁ ସବୁଦେଶ ଉଦ୍ୟମ କରିଥାନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ କେବଳ ମୁଣ୍ଡପିଛା ଆୟ ବା ଆୟସୂଚକ ଆର୍ଥନୀତିକ ବିକାଶର ମାପକାଠି ନୁହେଁ । କାରଣ ଲୋକମାନଙ୍କର ଜୀବନଧାରଣର ମାନ ଯଦି ଉନ୍ନତ ନହୁଏ, ତାହେଲେ ତାକୁ ବିକାଶ କୁହାଯାଇ ପାରିବ ନାହିଁ । କାରଣ ଆୟବୃଦ୍ଧି ବିକାଶ ପାଇଁ ଅପରିହାର୍ଯ୍ୟ ହୋଇଥିଲେହେଁ, ଯଥେଷ୍ଟ ନୁହେଁ । ଜାତୀୟ ଆୟ ଏବଂ ମୁଣ୍ଡପିଛା ଆୟରେ ବୃଦ୍ଧି ସତ୍ତ୍ୱେ ସମାଜର ନିମ୍ନଆୟକାରୀ ଜନସାଧାରଣମାନଙ୍କର ଜୀବନଧାରଣର ମାନରେ ଉନ୍ନତି ନହେଲେ ଏହାକୁ ବିକାଶ କୁହାଯିବ ନାହିଁ । ଆୟବୃଦ୍ଧି ଏବଂ ଏହାର ସୁଷମ ବଣ୍ଟନ ଦ୍ୱାରା ହିଁ ଜନସାଧାରଣଙ୍କର ଜୀବନଧାରଣର ମାନରେ ଉନ୍ନତି ଏବଂ ଆର୍ଥନୀତିକ ବିକାଶ ସମ୍ଭବପର ହୋଇଥାଏ । ଆର୍ଥନୀତିକ ବିକାଶ ନିମନ୍ତେ ନିମ୍ନଲିଖିତ ସର୍ତ୍ତଗୁଡ଼ିକ ଅପରିହାର୍ଯ୍ୟ ଅଟେ ।

(୧) ମୋଟ ଜାତୀୟ ଆୟ ଏବଂ ମୁଣ୍ଡପିଛା ଆୟରେ କ୍ରମାଗତ ବୃଦ୍ଧି ।

(୨) ଜାତୀୟ ଆୟର ସୁଷମ ବଣ୍ଟନ ।

(୩) ସମସ୍ତଙ୍କୁ ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ପ୍ରାଥମିକ ସୁବିଧା ଏବଂ ବିଶେଷ କରି ଦରିଦ୍ର ଲୋକମାନଙ୍କୁ ବଞ୍ଚିବାର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାର ସାମର୍ଥ୍ୟ ପ୍ରଦାନ ।

(୪) ସମସ୍ତଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟସେବା, ରୋଜଗାର ଆଦି ମୌଳିକ ସୁବିଧା ପ୍ରଦାନ ।

(୫) ସମସ୍ତଙ୍କୁ ସ୍ୱାଧୀନତା, ସମାନ ବ୍ୟବହାର, ନିରାପତ୍ତା ଏବଂ ସମ୍ମାନର ସହିତ ବଞ୍ଚିବାର ଅଧିକାର ପ୍ରଦାନ ଇତ୍ୟାଦି ।

ଏଠାରେ କୁହାଯାଇପାରେ ଯେ ସାଧାରଣତଃ ଲୋକମାନେ ସେମାନଙ୍କର ଜୀବନଧାରଣରମାନ ଉନ୍ନତ କରିବାପାଇଁ ନିୟମିତ କାମ, ଭଲ ଦରମା ବା ଭତ୍ତା କିମ୍ବା ସେମାନେ ଉତ୍ପାଦନ କରୁଥିବା କୃଷିଜାତ ବା କୁଟୀରଶିଳ୍ପଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବାକୁ ଚେଷ୍ଟା କରିଥାନ୍ତି । ଏହାଦ୍ୱାରା ସେମାନଙ୍କର ଆୟରେ ବୃଦ୍ଧି ଘଟିଥାଏ । ଏହାଛଡ଼ା ସେମାନେ ମଧ୍ୟ ସ୍ୱାଧୀନତା, ସମାନ ସୁଯୋଗ ଓ ଅଧିକାର, ନିଜସ୍ୱ ନିରାପତ୍ତା ଏବଂ ସମସ୍ତଙ୍କଠାରୁ ସମ୍ମାନ ଆଶା କରିଥାନ୍ତି ।

ଏହି ପରିପ୍ରେକ୍ଷୀରେ ଆମେ ବର୍ତ୍ତମାନ ପୃଥିବୀର ବିଭିନ୍ନ ଦେଶକୁ ଅର୍ଥବ୍ୟବସ୍ଥା ଅନୁଯାୟୀ ସାଧାରଣତଃ ବିକଶିତ ଓ ବିକାଶୋନ୍ମୁଖୀ ଦେଶ ଭାବରେ ଅଭିହିତ କରିପାରିବା । ଏଠାରେ ଏକ ପ୍ରଶ୍ନ ଉଠେ ଯେ ଆମେ କିଭଳି ଭାବରେ ଦେଶଗୁଡ଼ିକୁ ତୁଳନା କରିପାରିବା ? ଏକ ଉଦାହରଣ ନିଆଯାଉ । ଏକ ଶ୍ରେଣୀରେ ଥିବା ସମସ୍ତ ପିଲାଙ୍କୁ ଆମେ କିପରି ତୁଳନା କରିବା ? କାରଣ ସେମାନଙ୍କ ମଧ୍ୟରେ ଉଚ୍ଚତା, ସ୍ୱାସ୍ଥ୍ୟ, ବୁଦ୍ଧିମତା, ପରୋପକାରିତା ଇତ୍ୟାଦି ଗୁଣଗୁଡ଼ିକ ସମାନ ଭାବରେ ନଥାଏ । ଗୋଟିଏ ସ୍ୱାସ୍ଥ୍ୟବାନ ପିଲା ବୁଦ୍ଧିମାନ ନ ହୋଇପାରେ ବା ଗୋଟିଏ ଭଲ ପଢୁଥିବା ପିଲା ପରୋପକାରୀ ନ ହୋଇପାରେ । ତେଣୁ ଏଠାରେ ଆମେ ତୁଳନା କଲାବେଳେ ଏକ ନିର୍ଦ୍ଦିଷ୍ଟ ମାପକାଠି ଅନୁସାରେ ହିଁ ତୁଳନା କରିଥାଉ । ଯେମିତିକି ଯଦି ଆମେ ସ୍କୁଲର ଏକ ଫୁଟ୍‌ବଲ ଟିମ୍, ଏକ ବକ୍ତୃତା ଦେବା ପାଇଁ ଦଳ କିମ୍ବା ସଂଗୀତ ପ୍ରତିଯୋଗିତା ପାଇଁ ଦଳ ଚୟନ କରିବା, ତାହେଲେ ଆମକୁ ସେହି ନିର୍ଦ୍ଦିଷ୍ଟ କ୍ଷେତ୍ରର ଦକ୍ଷତାକୁ ଆଧାର କରି ଦଳ ଚୟନ କରିବାକୁ ପଡ଼ିବ । ବିକାଶ କ୍ଷେତ୍ରରେ ଦେଶଗୁଡ଼ିକର ତୁଳନା ଠିକ୍ ସେହିପରି ହୋଇଥାଏ । ଏଠାରେ ସେମାନଙ୍କର ଆୟକୁ ହିଁ ଉତ୍କୃଷ୍ଟପନ୍ଥା ଭାବେ ଗ୍ରହଣ କରାଯାଇଥାଏ । ଯେଉଁ ଦେଶଗୁଡ଼ିକର ଆୟର ପରିମାଣ ଅଧିକ ସେଗୁଡ଼ିକ କମ୍ ଆୟ ବିଶିଷ୍ଟ ଦେଶ ଗୁଡ଼ିକ ତୁଳନାରେ ଅଧିକ ବିକଶିତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଧିକ ଆୟର ଅର୍ଥ ଅଧିକ କ୍ରୟ କରିବାର ଶକ୍ତି ।

ଆମେ ବର୍ତ୍ତମାନ ଆୟ କହିଲେ କ'ଣ ବୁଝାଯାଏ ଜାଣିବା । ଗୋଟିଏ ଦେଶର ଆୟ ହେଉଛି ସେ ଦେଶର ସମସ୍ତ ଲୋକଙ୍କର ଆୟର ସମଷ୍ଟି । ଏହା ସେହି ଦେଶର ସମୁଦାୟ ଆୟ (Total Income)କୁ ବୁଝାଏ । କିନ୍ତୁ ଆମେ ତୁଳନା କଲାବେଳେ ସମସ୍ତ ଆୟକୁ ବିଚାରକୁ ନେଇନଥାଉ । କାରଣ ସବୁଦେଶଗୁଡ଼ିକର ଜନସଂଖ୍ୟା ସମାନ ନୁହେଁ । ତେଣୁ ଏଠାରେ ଆମେ ହାରାହାରି ଆୟ (Average Income) ଦ୍ୱାରା ହିଁ ତୁଳନା କରିଥାଉ ।

$$\text{ହାରାହାରି ଆୟ} = \frac{\text{ସମୁଦାୟ ଆୟ}}{\text{ସମୁଦାୟ ଜନସଂଖ୍ୟା}}$$

ଏହି ହାରାହାରି ଆୟକୁ ହିଁ ମୁଣ୍ଡପିଛା ଆୟ (Percapita Income) ବୋଲି କୁହାଯାଏ ।

୨୦୦୬ ମସିହାରେ ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରକାଶିତ ବିଶ୍ୱ ବିକାଶ ଚିଠା ଅନୁଯାୟୀ ପୃଥିବୀର ଦେଶଗୁଡ଼ିକୁ ମୁଣ୍ଡପିଛା ଆୟ ଭିତ୍ତିରେ ତୁଳନା କରାଯାଇ ବର୍ଗୀକରଣ କରାଯାଇଛି । ସେଗୁଡ଼ିକ ହେଲେ ବିକଶିତ ଓ ବିକାଶୋନ୍ମୁଖୀ ଦେଶ ।

## ବିକଶିତ ଦେଶ :

ବିଶ୍ୱ ବିକାଶ ଚିଠା ୨୦୦୬ ଅନୁଯାୟୀ ଯେଉଁ ଦେଶଗୁଡ଼ିକର ବାର୍ଷିକ ମୁଣ୍ଡପିଛା ଆୟ ୪,୩୫,୫୦୦ ଟଙ୍କା ଏବଂ ଅଧିକ ସେମାନଙ୍କୁ ବିକଶିତ ଦେଶ ହିସାବରେ ଗଣନା କରାଯାଏ । ଏହି ଦେଶ ଗୁଡ଼ିକରେ ତିନୋଟି ପ୍ରଧାନ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ :-

୧। ଏହି ଦେଶଗୁଡ଼ିକ ଶିକ୍ଷୋନ୍ନତ ଓ ବୈଷୟିକ ଜ୍ଞାନ କୌଶଳରେ ପାରଙ୍ଗମ ଅଟନ୍ତି ।

୨। ଏହି ଦେଶର ଅଧିକାଂଶ ଲୋକ ଅଣପାରମ୍ପରିକ ଆର୍ଥନୀତିକ କ୍ଷେତ୍ରରେ ନିଯୋଜିତ ହୋଇଥାନ୍ତି ।

୩। ଏହି ଦେଶର ଲୋକମାନଙ୍କର ଜୀବନଯାପନର ପ୍ରଣାଳୀ ଅତି ଉଚ୍ଚମାନର ଅଟେ ।

**ମନେରଖ :**

| ବିକଶିତ ଦେଶ | ବିକାଶୋନ୍ମୁଖୀ ଦେଶ |
|---|---|
| ୧। ଯୁକ୍ତରାଷ୍ଟ୍ର ଆମେରିକା | ୧। ଭାରତ |
| ୨। ଜାପାନ୍ | ୨। ବ୍ରାଜିଲ୍ |
| ୩। ଜର୍ମାନୀ | ୩। ପାକିସ୍ତାନ |
| ୪। ଅଷ୍ଟ୍ରେଲିଆ | ୪। ଶ୍ରୀଲଙ୍କା |
| ୫। ଦକ୍ଷିଣ ଆଫ୍ରିକା | ୫। ବାଂଲାଦେଶ |

## ବିକାଶୋନ୍ମୁଖୀ ଦେଶ

ଯେଉଁ ଦେଶର ଲୋକମାନଙ୍କର ବାର୍ଷିକ ମୁଣ୍ଡପିଛା ଆୟ ୪,୩୫,୫୦୦ ଟଙ୍କାରୁ କମ୍ ସେଗୁଡ଼ିକୁ ବିକାଶୋନ୍ମୁଖୀ ଦେଶ ବୋଲି କୁହାଯାଏ । ଏହି ଦେଶଗୁଡ଼ିକରେ ଚାରୋଟି ପ୍ରଧାନ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ, ଯଥା :-

୧। ଏହି ଦେଶମାନଙ୍କରେ ଶିଳ୍ପାୟନ ପ୍ରକ୍ରିୟା ଦ୍ରୁତଗତିରେ ଚାଲିଛି ।

୨। ଏହି ଦେଶଗୁଡ଼ିକର ବୈଷୟିକ ଜ୍ଞାନକୌଶଳ ଉଚ୍ଚକୋଟୀର ନୁହେଁ ।

୩। ଏହି ଦେଶଗୁଡ଼ିକରେ ଅଧିକାଂଶ ଲୋକ ପାରମ୍ପରିକ (କୃଷି ଏବଂ ଆନୁସଙ୍ଗିକ) କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି ।

୪। ଏହି ଦେଶରେ ଅଧିକାଂଶ ଲୋକମାନଙ୍କର ଜୀବନଧାରଣର ମାନ ଅପେକ୍ଷାକୃତ ନ୍ୟୂନ ଅଟେ ।

ବିକାଶୋନ୍ମୁଖୀ ଦେଶମାନଙ୍କୁ ପୁନଶ୍ଚ ଦୁଇଭାଗରେ ବିଭକ୍ତ କରାଯାଇଅଛି, ଯଥା:- ମଧ୍ୟମ ଆୟ ବିଶିଷ୍ଟ ଏବଂ ନିମ୍ନ ଆୟ ବିଶିଷ୍ଟ । ଯେଉଁ ଦେଶମାନଙ୍କର ମୁଣ୍ଡପିଛା ବାର୍ଷିକ ଆୟ ୩୩,୫୦୦ ଟଙ୍କାରୁ ୪,୩୫,୫୦୦ ଟଙ୍କା ମଧ୍ୟରେ ସୀମିତ, ସେମାନଙ୍କୁ ମଧ୍ୟମ ଆୟ ବର୍ଗ ଦେଶ ଭାବରେ ନାମିତ କରାଯାଇଅଛି । ବ୍ରାଜିଲ, ଇରାନ୍, ଆର୍ଜେଣ୍ଟିନା, ଶ୍ରୀଲଙ୍କା ଆଦି ଦେଶ ଏହି ଶ୍ରେଣୀର । ସେହିପରି ଯେଉଁ ଦେଶର ମୁଣ୍ଡପିଛା ବାର୍ଷିକ ଆୟ ୩୩,୫୦୦ ଟଙ୍କାରୁ କମ୍ ସେମାନଙ୍କୁ ନିମ୍ନ ଆୟ ବର୍ଗର ଦେଶ ବୋଲି କୁହାଯାଏ । ଭାରତ, ପାକିସ୍ତାନ, ବାଂଲାଦେଶ, କେନିଆ ଇତ୍ୟାଦି ଦେଶ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

## ମାନବ ବିକାଶ ସୂଚକ
## (Human Development Index)

ସଂଯୁକ୍ତ ରାଷ୍ଟ୍ର ବିକାଶ କାର୍ଯ୍ୟକ୍ରମ (UNDP) ୧୯୯୦ ମସିହା ପରଠାରୁ ପୃଥିବୀର ବିଭିନ୍ନ ଦେଶର ମାନବ ବିକାଶ ଚିଠା ପ୍ରସ୍ତୁତ କରିଆସୁଅଛି । ଏହି ସୂଚକକୁ ଆର୍ଥନୀତିକ ବିକାଶର ସର୍ବାଧୁନିକ ପରିମାପକ ଭାବରେ ଗ୍ରହଣ କରାଯାଏ । ଏହି ସୂଚକର ତିନୋଟି ଉପାଦାନ ରହିଛି । ସେଗୁଡ଼ିକ ହେଲା-

(୧) ଜନ୍ମ ସମୟରେ ଆୟୁର ସମ୍ଭାବନା (Life Expectancy)

(୨) ସାକ୍ଷରତା ହାର (Literacy Rate)

(୩) ମୁଣ୍ଡପିଛା ଆୟ (Percapita Income)

ଏହି ସୂଚକ ଅନୁଯାୟୀ ପୃଥିବୀର ବିଭିନ୍ନ ଦେଶଗୁଡ଼ିକୁ ୦, ୦.୫ ଏବଂ ୧ ସୋପାନଭୁକ୍ତ କରାଯାଇଥାଏ । ଯେଉଁ ଦେଶଗୁଡ଼ିକର ସୂଚକର ମୂଲ୍ୟ (୦ - ୦.୪୯୯) ସେମାନଙ୍କର ବିକାଶର ସ୍ତର ନିମ୍ନ । ଯେଉଁମାନଙ୍କର ସୂଚକର ମୂଲ୍ୟ (୦.୫ - ୦.୭୯୯) ମଧ୍ୟରେ ସେମାନଙ୍କର ସ୍ତର ମଧ୍ୟମ ଓ ଯେଉଁମାନଙ୍କର ସୂଚକର ମୂଲ୍ୟ ୦.୮ ବା ତଦୂର୍ଦ୍ଧ ସେମାନଙ୍କର ବିକାଶର ସ୍ତର ଉଚ୍ଚ ଓ ଉନ୍ନତ । ୧୯୯୯ ମସିହାର ତଥ୍ୟ ଅନୁଯାୟୀ ଭାରତର ମାନବ ବିକାଶର ସୂଚକର ମୂଲ୍ୟ ଥିଲା ୦.୫୭୧ ଓ ତାହା ୨୦୦୫ ମସିହା ତଥ୍ୟ ଅନୁଯାୟୀ ବିଶେଷ ପରିବର୍ତ୍ତନ ହୋଇନଥିବାରୁ ଭାରତର ବିକାଶର ସ୍ତର ମଧ୍ୟମ ବୋଲି କୁହାଯାଇପାରେ । ନିମ୍ନଲିଖିତ ସାରଣୀକୁ ଲକ୍ଷ୍ୟ କଲେ ଆମେ ଭାରତ ଓ ତା'ର କିଛି ପଡ଼ୋଶୀ ରାଷ୍ଟ୍ରର ମାନବ ବିକାଶ ସ୍ତରକୁ ତୁଳନା କରିପାରିବା ।

| ଦେଶ | ମୁଣ୍ଡପିଛା ଆୟ (US Dollar) | ଜନ୍ମ ସମୟରେ ଆୟୁର ସମ୍ଭାବନା | ସାକ୍ଷରତା ହାର | ମାନବ ସୂଚକ ମୂଲ୍ୟର ର୍‍ୟାଙ୍କ୍ HDI (Rank) |
|---|---|---|---|---|
| ଶ୍ରୀଲଙ୍କା | ୪୩୯୦ | ୭୪ | ୯୧ | ୯୩ |
| ଭାରତ | ୩୧୩୯ | ୬୪ | ୬୧ | ୧୨୬ |
| ପାକିସ୍ତାନ | ୨୨୨୫ | ୬୩ | ୫୦ | ୧୩୪ |
| ନେପାଳ | ୧୪୯୦ | ୬.୨ | ୫୦ | ୧୩୮ |
| ବାଂଲାଦେଶ | ୧୮୭୦ | ୬୩ | ୪୧ | ୧୩୭ |

## ଅର୍ଥବ୍ୟବସ୍ଥା

ଜନସାଧାରଣ ସେମାନଙ୍କର ଜୀବିକା ନିର୍ବାହ ପାଇଁ ଦୈନନ୍ଦିନ କିଛି କିଛି କାର୍ଯ୍ୟ କରିଥାନ୍ତି । ଯଥା :- କୃଷି, କଳକାରଖାନାରେ କାମ, ଅଫିସ୍ ବା ବ୍ୟାଙ୍କ୍ ପ୍ରଭୃତିରେ ବିଭିନ୍ନ ପ୍ରକାରର କାର୍ଯ୍ୟ ସମ୍ପାଦନ କରନ୍ତି । ବଜାରରେ ବିକ୍ରି କରୁଥିବା ଦୋକାନୀ ମଧ୍ୟ ଏହି କାର୍ଯ୍ୟର ଅନ୍ତର୍ଭୁକ୍ତ । ଏହାକୁ ଆର୍ଥନୀତିକ କାର୍ଯ୍ୟ କୁହାଯାଏ । ଏହିପରି ସରକାର ମଧ୍ୟ କିଛି ଲୋକଙ୍କୁ ନିୟୋଜନ କରି, ଦ୍ରବ୍ୟ ଓ ସେବା ଯୋଗାଇଦେଇ କିଛି ଆର୍ଥନୀତିକ କାର୍ଯ୍ୟ କରିଥାନ୍ତି । ଆର୍ଥନୀତିକ କାର୍ଯ୍ୟଗୁଡ଼ିକ କୌଣସି ଏକ ନିର୍ଦ୍ଦିଷ୍ଟ ଢାଞ୍ଚାରେ ନିର୍ବାହିତ ହେଲେ ସେହି ଢାଞ୍ଚାକୁ ଅର୍ଥବ୍ୟବସ୍ଥା କୁହାଯାଏ । ତେଣୁ ଅର୍ଥବ୍ୟବସ୍ଥା ହେଉଛି ଆର୍ଥନୀତିକ କାର୍ଯ୍ୟର ନିର୍ବାହ, ସଂଗଠନ ଓ ପରିଚାଳନା ପାଇଁ ଏକ ସମ୍ମିଳିତ ଢାଞ୍ଚା । ଏହା ଲୋକମାନଙ୍କୁ ବଞ୍ଚିବାର ଉପାଦାନ ଯୋଗାଇଥାଏ । ପୂର୍ଣ୍ଣ ନିୟୋଜନ, ବିକାଶ, ଦରଦାମରେ ସ୍ଥିରତା ଓ ନିୟନ୍ତ୍ରଣ ଓ ଲୋକକଲ୍ୟାଣ ଆଦି ଅର୍ଥବ୍ୟବସ୍ଥାର କେତେକ ମୁଖ୍ୟ ଉଦ୍ଦେଶ୍ୟ ଅଟେ ।

## ଅର୍ଥବ୍ୟବସ୍ଥାରେ ନିର୍ବାହିତ ବିଭିନ୍ନ କାର୍ଯ୍ୟ

ଅର୍ଥବ୍ୟବସ୍ଥାରେ ନିବାହିତ ହେଉଥିବା ଆର୍ଥନୀତିକ କାର୍ଯ୍ୟଗୁଡ଼ିକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଥାଏ, ଯଥା :-

(୧) ଉତ୍ପାଦନ

(୨) ଉପଭୋଗ

(୩) ସଞ୍ଚୟ ଓ ପୁଞ୍ଜିଗଠନ

**(୧) ଉତ୍ପାଦନ** : ଯେଉଁ ପ୍ରକ୍ରିୟାରେ ଦ୍ରବ୍ୟ ଓ ସେବାରେ ବିନିମୟ ମୂଲ୍ୟଯୁକ୍ତ ଉପଯୋଗିତା ସୃଷ୍ଟି କରାଯାଏ ତାହାକୁ ଉତ୍ପାଦନ କହନ୍ତି । ଲୁହାପଥରରୁ ଲୁହା, ଧାନଚାଷ, ପାଉଁରୁଟି ପ୍ରସ୍ତୁତି ଇତ୍ୟାଦି ଉତ୍ପାଦନର ଅନ୍ତର୍ଭୁକ୍ତ ।

**(୨) ଉପଭୋଗ** : ଜୀବନଧାରଣ କରିବା ପାଇଁ ଦ୍ରବ୍ୟ ଓ ସେବାର ଉପଯୋଗକୁ ଉପଭୋଗ କୁହାଯାଏ । ଭୋକ ହେଲେ ଖାଦ୍ୟ ଖାଇବା ଦ୍ୱାରା ଏହାର ଅଭାବ ପରିପୂରଣ ହୋଇଥାଏ । ସୁତରାଂ ଉତ୍ପାଦନକୁ ପ୍ରତିଯୋଗିତାର ସୃଷ୍ଟି ଏବଂ ଉପଭୋଗକୁ ଉପଯୋଗିତାର ଅନ୍ତ ବୋଲି କୁହାଯାଇପାରେ ।

**(୩) ସଞ୍ଚୟ ଓ ପୁଞ୍ଜିଗଠନ :**

ସଞ୍ଚୟ = ଉତ୍ପାଦନ (ଆୟ) – ଉପଭୋଗ (ବ୍ୟୟ)

ଉତ୍ପାଦନ ଓ ଉପଭୋଗର ତାରତମ୍ୟକୁ ସଞ୍ଚୟ କୁହାଯାଏ । ସଞ୍ଚୟରୁ ହିଁ ପୁଞ୍ଜିଗଠନ ସମ୍ଭବ ହୋଇଥାଏ ଓ ଏହାକୁ ବ୍ୟବହାର କରି ଉତ୍ପାଦନ ବୃଦ୍ଧି କରାଯାଏ ।

## ଅର୍ଥବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର :

ଜାତୀୟ ଆୟର ଆକଳନ କରିବାକୁ ହେଲେ ସାଧାରଣତଃ ଅର୍ଥବ୍ୟବସ୍ଥାକୁ ମୋଟାମୋଟି ଚାରୋଟି କ୍ଷେତ୍ରରେ ବିଭକ୍ତ କରାଯାଏ । ଯଥା :-

(୧) ପରିବାର (୨) ପ୍ରତିଷ୍ଠାନ (୩) ସରକାର ଓ (୪) ବୈଦେଶିକ କ୍ଷେତ୍ର ।

**(୧) ପରିବାର :** ଏକ ଘରେ ବାସ କରୁଥିବା ଓ ଏକତ୍ର ରନ୍ଧନ କରି ଭୋଜନ କରୁଥିବା ବ୍ୟକ୍ତିମାନେ ଏକ

ପରିବାରର ସଦସ୍ୟ ଅଟନ୍ତି । ଏମାନଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ରହିଥାଏ ।

**(୨) ପ୍ରତିଷ୍ଠାନ :** ପ୍ରତିଷ୍ଠାନ ହେଉଛି ଅର୍ଥବ୍ୟବସ୍ଥାର ଏକ ମୌଳିକ ଉତ୍ପାଦନକାରୀ ସଂସ୍ଥା । ଉତ୍ପାଦନର ସାଧନମାନଙ୍କୁ ଆୟୋଜିତ ଏବଂ ବ୍ୟବସ୍ଥିତ କରି ଦ୍ରବ୍ୟ ଓ ସେବା ଉତ୍ପାଦନ କରୁଥିବା ସଂସ୍ଥାକୁ ପ୍ରତିଷ୍ଠାନ କୁହାଯାଏ ।

**(୩) ସରକାର :** ଅର୍ଥବ୍ୟବସ୍ଥାର କାର୍ଯ୍ୟଗୁଡ଼ିକୁ ସୂଚାରୁରୂପେ ପରିଚାଳନା ଓ ନିୟନ୍ତ୍ରଣ କରୁଥିବା ସଂସ୍ଥାକୁ ସରକାର କୁହାଯାଏ । ପରିବାର ଓ ପ୍ରତିଷ୍ଠାନ ମଧ୍ୟରେ ସୁସଂହତି, ସମନ୍ୱୟ ଓ ଯୋଗସୂତ୍ର ରକ୍ଷା କରିବା ହେଲା ସରକାରଙ୍କ ମୁଖ୍ୟ ଆର୍ଥନୀତିକ କାର୍ଯ୍ୟ । ସରକାର ଉତ୍ପାଦନ ପାଇ ସୁବିଧା ଓ ସୁଯୋଗ ଏବଂ ଉପଭୋଗ ପାଇଁ ଦ୍ରବ୍ୟ ଓ ସେବା ଇତ୍ୟାଦି ଯୋଗାଇ ଦେଇଥାନ୍ତି ।

**(୪) ବୈଦେଶିକ କ୍ଷେତ୍ର :** ପୃଥିବୀର ବିଭିନ୍ନ ଦେଶମାନେ ସେମାନଙ୍କର ଉତ୍ପାଦିତ ସାମଗ୍ରୀର ଆମଦାନି ଏବଂ ରପ୍ତାନି ବୈଦେଶିକ କ୍ଷେତ୍ର ମାଧ୍ୟମରେ ସମ୍ପାଦନ କରିଥାନ୍ତି । କେତେକ କ୍ଷେତ୍ରରେ ପୁଞ୍ଜି ଏବଂ ବୈଷୟିକ ଜ୍ଞାନକୌଶଳର ମଧ୍ୟ ଆଦାନପ୍ରଦାନ ହୋଇଥାଏ । ଏହାକୁ ପୃଥିବୀର ଅର୍ଥବ୍ୟବସ୍ଥା ବୋଲି କୁହାଯାଏ ।

ପୁନଶ୍ଚ ଆର୍ଥନୀତିକ କାର୍ଯ୍ୟାବଳୀକୁ ଭିତ୍ତିକରି ଅର୍ଥବ୍ୟବସ୍ଥାକୁ ତିନୋଟି କ୍ଷେତ୍ରରେ ବିଭକ୍ତ କରାଯାଇଛି ।

(୧) ପ୍ରାଥମିକ ବା ମୌଳିକ କ୍ଷେତ୍ର

(୨) ମାଧ୍ୟମିକ କ୍ଷେତ୍ର

(୩) ତୃତୀୟକ ବା ସେବାକ୍ଷେତ୍ର

**(୧) ପ୍ରାଥମିକ କ୍ଷେତ୍ର :** ଯେଉଁ କାର୍ଯ୍ୟ ଜଳ ଓ ଭୂମି ଭଳି ପ୍ରାକୃତିକ ସମ୍ପଦକୁ ପ୍ରତ୍ୟକ୍ଷ ଭାବେ ବ୍ୟବହାର କରି ଉତ୍ପାଦନ କରାଯାଏ ତାହାକୁ ମୌଳିକ କ୍ଷେତ୍ର କୁହାଯାଏ । ଏ କ୍ଷେତ୍ରରେ ଦ୍ରବ୍ୟ ଭୂମିରୁ ଉତ୍ପାଦନ କରାଯାଏ କିମ୍ବା ମାଟିତଳୁ ଉତ୍ତୋଳନ କରାଯାଏ । ଏ ପ୍ରକାର ଦ୍ରବ୍ୟକୁ ମୌଳିକ ଦ୍ରବ୍ୟ କୁହାଯାଏ । କୃଷି, ପଶୁପାଳନ, ମତ୍ସ୍ୟଚାଷ, ଖଣିଜ ପଦାର୍ଥ ଉତ୍ତୋଳନ, ଫଳ, ଫୁଲ, କ୍ଷୀର, ଅଣ୍ଡା, ମାଂସ, ଲୁହାପଥର, କୋଇଲା ଇତ୍ୟାଦିର ଉତ୍ପାଦନ ଇତ୍ୟାଦି ମୌଳିକ କ୍ଷେତ୍ରର ଅନ୍ତର୍ଭୁକ୍ତ ।

**(୨) ମାଧ୍ୟମିକ କ୍ଷେତ୍ର :** ମାଧ୍ୟମିକ କ୍ଷେତ୍ରରେ ମୌଳିକ ଦ୍ରବ୍ୟକୁ କଞ୍ଚାମାଲ ରୂପେ ବ୍ୟବହାର କରି ଦ୍ରବ୍ୟ ଉତ୍ପାଦନ କାର୍ଯ୍ୟ କରାଯାଏ । କଳକାରଖାନା, ଶିଳ୍ପ ପ୍ରତିଷ୍ଠାନ ଜରିଆରେ ଏହି କ୍ଷେତ୍ରରେ ଦ୍ରବ୍ୟ ଉତ୍ପାଦନ କରାଯାଏ । ଲୁହାପଥରରୁ ଲୁହା ଏବଂ ଇସ୍ପାତ, ଚୂନପଥରରୁ ସିମେଣ୍ଟ, ଘାସ ଓ ବାଉଁଶରୁ କାଗଜ, କପାରୁ ସୁତା ଏବଂ ଲୁଗା, ଅଟା ଓ ମଇଦାରୁ ପାଉଁରୁଟି ଓ କେକ୍ ଇତ୍ୟାଦି ମାଧ୍ୟମିକ କ୍ଷେତ୍ରରେ କରାଯାଉଥିବା କେତୋଟି କାର୍ଯ୍ୟର ଉଦାହରଣ ଅଟେ ।

**(୩) ତୃତୀୟକ କ୍ଷେତ୍ର :** ଏହାକୁ ସେବା କ୍ଷେତ୍ର ବୋଲି ମଧ୍ୟ କୁହାଯାଏ । ଉଭୟ ମୌଳିକ ଓ ମାଧ୍ୟମିକ କ୍ଷେତ୍ରର କାର୍ଯ୍ୟ ପାଇଁ କେତେଗୁଡ଼ିଏ ସହାୟକ ସେବାର ପ୍ରୟୋଜନ ହୋଇଥାଏ । ଉଦାହରଣ ସ୍ୱରୂପ- ଲୁହାପଥରରୁ ଲୁହା ଓ ଇସ୍ପାତ ତିଆରି କରିବା ପାଇଁ ପ୍ରଥମେ ମାଟିତଳୁ ଲୁହାପଥରକୁ ଉତ୍ତୋଳନ କରିବା ଏବଂ ତା'ପରେ ତାକୁ କାରଖାନାକୁ ପରିବହନ କରିବା ଏବଂ ସର୍ବୋପରି ଶ୍ରମିକ ଓ ଇଞ୍ଜିନିୟରମାନଙ୍କର ସାହାଯ୍ୟ ଦରକାର ହୋଇଥାଏ । ଏ ପ୍ରକାର କାର୍ଯ୍ୟ ସେବାକ୍ଷେତ୍ରର ଅନ୍ତର୍ଭୁକ୍ତ । ବାଣିଜ୍ୟ, ପରିବହନ, ଯୋଗାଯୋଗ, ବ୍ୟାଙ୍କ୍, ପୋଷ୍ଟଅଫିସ୍ ଆଦି ତୃତୀୟକ କ୍ଷେତ୍ରର ଉଦାହରଣ ଅଟେ ।

## ଘରୋଇ, ସରକାରୀ ଓ ମିଳିତକ୍ଷେତ୍ର

ଆର୍ଥନୀତିକ ଦ୍ରବ୍ୟ ଓ ସେବାର ଉତ୍ପାଦନ ସଂସ୍ଥାର ମାଲିକାନା ଭିତ୍ତିରେ ସମଗ୍ର ଅର୍ଥବ୍ୟବସ୍ଥାକୁ ତିନିପ୍ରକାରରେ ବିଭକ୍ତ କରାଯାଇପାରେ ଯଥା- ଘରୋଇକ୍ଷେତ୍ର, ସରକାରୀକ୍ଷେତ୍ର ଓ ମିଳିତକ୍ଷେତ୍ର । ଘରୋଇକ୍ଷେତ୍ରର ମାଲିକ ବ୍ୟକ୍ତିବିଶେଷ ହୋଇଥିଲାବେଳେ ସରକାରୀକ୍ଷେତ୍ରରେ ମାଲିକାନା ସରକାରଙ୍କ ହାତରେ ଥାଏ । ମିଳିତ କ୍ଷେତ୍ରରେ ଉଭୟ ବ୍ୟକ୍ତିବିଶେଷ ଓ ସରକାର ମାଲିକ ଅଟନ୍ତି ।

## ଅର୍ଥବ୍ୟବସ୍ଥାର ପ୍ରକାରଭେଦ :

ଅର୍ଥବ୍ୟବସ୍ଥାକୁ ସୁଚାରୁରୂପେ ଚଳାଇବା ପାଇଁ ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ସେବାର ଆବଶ୍ୟକତା ପଡ଼ିଥାଏ । ବିଭିନ୍ନ ପ୍ରକାରର ସମ୍ବଳର ବିନିଯୋଗ କରି ଯଥା- ଭୂମି, ଶ୍ରମ, ପୁଞ୍ଜି ଓ ସଂଗଠନକୁ ଉପଯୋଗ କରି ଉତ୍ପାଦନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଥାଏ । ଅର୍ଥବ୍ୟବସ୍ଥାର



PB-03/15/11/2016

ନାମକରଣ ମୁଖ୍ୟତଃ ଚାରୋଟି ଭିତ୍ତିରେ କରାଯାଇଅଛି । ଯଥା :-

(୧) ସମ୍ବଳର ମାଲିକାନା

(୨) ସମ୍ବଳର ବ୍ୟବହାରର ନିଷ୍ପତ୍ତିକର୍ତ୍ତା

(୩) ସମ୍ବଳର ବ୍ୟବହାର ଓ ଉତ୍ପାଦନର ଉଦ୍ଦେଶ୍ୟ

(୪) ସମ୍ବଳର ବ୍ୟବହାରର କ୍ରିୟାପଦ୍ଧତି

ଏହି ସବୁ ବିଷୟକୁ ଭିତ୍ତିକରି ଅର୍ଥବ୍ୟବସ୍ଥାକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଅଛି । ସେଗୁଡ଼ିକ ହେଲା-

(କ) ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା

(ଖ) ସମାଜବାଦୀ ଅର୍ଥବ୍ୟବସ୍ଥା

(ଗ) ମିଶ୍ରିତ ଅର୍ଥବ୍ୟବସ୍ଥା

**(କ) ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା :** ଏହି ଅର୍ଥବ୍ୟବସ୍ଥାକୁ ମୁକ୍ତବଜାର ଅର୍ଥବ୍ୟବସ୍ଥା ବୋଲି କୁହାଯାଏ । ଏହି ବ୍ୟବସ୍ଥାରେ ସମ୍ବଳର ମାଲିକ ଏବଂ ପରିଚାଳକ ବ୍ୟକ୍ତିବିଶେଷ ହୋଇଥାନ୍ତି । ବଜାର ଶକ୍ତି ଅନୁସାରେ ଏବଂ ସର୍ବାଧିକ ଲାଭ ଆଶାରେ ଉତ୍ପାଦନର ନିଷ୍ପତ୍ତି ନିଆଯାଏ । ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ୍, ପଶ୍ଚିମ ୟୁରୋପୀୟ ଦେଶ ସମୂହ ଏହି ଅର୍ଥବ୍ୟବସ୍ଥାର ଉଦାହରଣ ।

**(ଖ) ସମାଜବାଦୀ ଅର୍ଥବ୍ୟବସ୍ଥା :** କାର୍ଲମାର୍କ୍ସଙ୍କୁ ଏହି ଅର୍ଥବ୍ୟବସ୍ଥାର ଜନକ ବୋଲି କୁହାଯାଏ । ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥାର ବିଭିନ୍ନ ଅସୁବିଧା ଗୁଡ଼ିକରୁ ଏହି ବ୍ୟବସ୍ଥାର ସୃଷ୍ଟି । ଏହି ବ୍ୟବସ୍ଥାରେ ସମ୍ବଳ ଓ ଉତ୍ପାଦନର ନିଷ୍ପତ୍ତି ଏବଂ ତତ୍‌ସହିତ ସମସ୍ତ ସାଧନ ରାଷ୍ଟ୍ରର ମାଲିକାନାରେ ରହିଥାଏ । ଏହି ବ୍ୟବସ୍ଥାରେ ଦେଶର ସମସ୍ତ ଆର୍ଥନୀତିକ କାର୍ଯ୍ୟ ଏକ କେନ୍ଦ୍ରୀୟ ଯୋଜନା ପରିଷଦର ନିର୍ଦ୍ଦେଶରେ ପରିଚାଳିତ ହୋଇଥାଏ । କ୍ୟୁବା, ପୂର୍ବତନ ସୋଭିଏତ୍ ଋଷ, ଭିଏତନାମ ଆଦି ଦେଶ ଏହି ଅର୍ଥବ୍ୟବସ୍ଥାର ଉଦାହରଣ ଅଟନ୍ତି ।

**(ଗ) ମିଶ୍ରିତ ଅର୍ଥବ୍ୟବସ୍ଥା :** ୧୯୩୦ ଦଶକରେ ବିଶ୍ୱର ପ୍ରାୟ ସବୁ ଦେଶର ଅର୍ଥବ୍ୟବସ୍ଥାର ସାମଗ୍ରିକ ଉତ୍ପାଦନ ଓ ନିୟୋଜନ ଏକ ଉତ୍କଟ ନିମ୍ନସ୍ତରରେ ପହଞ୍ଚିଥିଲା ଏବଂ ୧୯୪୦ ଦଶନ୍ଧିରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀର ବିଭିନ୍ନ ସ୍ଥାନରେ ଆର୍ଥନୀତିକ ପରିସ୍ଥିତି ଜଟିଳ ଓ ମାନ୍ଦା ଅବସ୍ଥାରେ ପହଞ୍ଚିଥିଲା । ଏହା ମହାମାନ୍ଦାଅବସ୍ଥା (Great Depression) ଭାବରେ ଖ୍ୟାତ । ଏହି ପରିସ୍ଥିତିରେ ଅର୍ଥବ୍ୟବସ୍ଥାରେ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଦେଶର ସରକାର କେତେକ କ୍ଷେତ୍ରରେ ମୁକ୍ତ ଭାବରେ କାର୍ଯ୍ୟ କରିବାକୁ ଓ ବଜାରକୁ ନିୟନ୍ତ୍ରଣମୁକ୍ତ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ପରିବର୍ତ୍ତନ ଯୋଗୁଁ ଏକ ନୂତନ ପ୍ରକାରର ଅର୍ଥନୀତି ଆତ୍ମପ୍ରକାଶ କରିଥିଲା ଯାହାକୁ ଆମେ ମିଶ୍ରିତ ଅର୍ଥନୀତି ବୋଲି ଆଖ୍ୟା ଦେଇଛୁ । ଏହା ଏକ ଯୌଗିକ ଅର୍ଥବ୍ୟବସ୍ଥା ଅଟେ । ଏଥିରେ ଉଭୟ ଘରୋଇ ଏବଂ ସରକାରୀ ମାଲିକାନା କ୍ଷେତ୍ରର ସହାବସ୍ଥାନ ହୋଇଥାଏ । ଏହା ପୁଞ୍ଜିବାଦୀ ଓ ସମାଜବାଦୀ ଅର୍ଥବ୍ୟବସ୍ଥା ମଧ୍ୟରେ ସଂଯୋଗ ସ୍ଥାପନ କରୁଥିବା ଏକ ସୂତ୍ର ଅଟେ । ଏଥିରେ ସରକାରୀ ମାଲିକାନା କ୍ଷେତ୍ର ଏବଂ ଘରୋଇ ମାଲିକାନା କ୍ଷେତ୍ର ଉଭୟେ ବ୍ୟକ୍ତିବିଶେଷଙ୍କୁ ତାଙ୍କ ନିଜ ପ୍ରଚେଷ୍ଟାରେ ନିଜନିଜର ଉନ୍ନତି, କଲ୍ୟାଣ ସାଧନ କରିବାରେ ସାହାଯ୍ୟ କରିଥାନ୍ତି । ଘରୋଇ ଉଦ୍ୟୋଗଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ନ ହୋଇ ପରସ୍ପରର ପରିପୂରକ ଭାବେ କାମ କରନ୍ତି । ଭାରତ, ଇଂଲଣ୍ଡ ଇତ୍ୟାଦି ଏହି ଅର୍ଥବ୍ୟବସ୍ଥାର ଉଦାହରଣ ଅଟେ ।

# ଭାରତୀୟ ଅର୍ଥବ୍ୟବସ୍ଥା

ଭାରତ ଏକ କୃଷିପ୍ରଧାନ ଏବଂ ଗ୍ରାମବହୁଳ ଦେଶ । ପୂର୍ବେ ଇଂରେଜମାନଙ୍କର ଶାସନ ପୂର୍ବରୁ ଲୋକମାନଙ୍କର ଜୀବନଧାରଣର ମାନ ଉନ୍ନତ ଥିଲା । ଏହାର ବୈଦେଶିକ ବାଣିଜ୍ୟସ୍ତର ମଧ୍ୟ ଉନ୍ନତ ଥିଲା । କିନ୍ତୁ ବ୍ରିଟିଶ ଶାସନ କାଳରେ ଏହା ଏକ ଉପନିବେଶରେ ପରିଣତ ହେଲା ଏବଂ ଏହାର କଞ୍ଚାମାଲ ଓ ବିଭିନ୍ନ ପ୍ରକାରର ସମ୍ବଳକୁ ବ୍ୟବହାର କରି ଇଂଲଣ୍ଡ ଶିଳ୍ପୋନ୍ନତ ହୋଇଥିଲା । ଇଂରେଜମାନେ ସେହି ଦ୍ରବ୍ୟକୁ ଭାରତରେ ବିକ୍ରୟ କରି ଭାରତର ଅର୍ଥନୀତିକୁ ଶୋଷଣ କରୁଥିଲେ ଏବଂ ସ୍ୱାଧୀନତା ପ୍ରାପ୍ତି ପରେ ଇଂରେଜମାନେ ଆମକୁ ଏକ ରୁଗ୍ଣ, ସ୍ଥାଣୁ ଏବଂ ବିପର୍ଯ୍ୟସ୍ତ ଅର୍ଥବ୍ୟବସ୍ଥା ବିଶିଷ୍ଟ ଭାରତ ପ୍ରଦାନ କରିଥିଲେ । ସେହି ସମୟ ଠାରୁ ସରକାର ଦେଶର ବିକାଶ ପାଇଁ ବିଭିନ୍ନ ସ୍ତରରେ ବିଶେଷ କାର୍ଯ୍ୟକ୍ରମମାନ କରିଆସୁଛନ୍ତି ଏବଂ ଏହାର

ପ୍ରଭାବରେ ଆମର ଅର୍ଥବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଏବଂ କ୍ରମାଗତ ଭାବରେ ଉନ୍ନତି ହୋଇପାରିଛି । ଭାରତୀୟ ଅର୍ଥବ୍ୟବସ୍ଥାକୁ ବୁଝିବା ପାଇଁ ଆମକୁ ମୁଖ୍ୟତଃ ନିମ୍ନଲିଖିତ କେତେଗୁଡ଼ିଏ ବୈଶିଷ୍ଟ୍ୟକୁ ଅନୁଶୀଳନ କରିବାକୁ ପଡ଼େ । ଯଥା :-

## (କ) ଭାରତୀୟ ଅର୍ଥବ୍ୟବସ୍ଥା

ଭାରତୀୟ ଅର୍ଥବ୍ୟବସ୍ଥାକୁ ଏକ ମିଶ୍ରିତ ଅର୍ଥବ୍ୟବସ୍ଥା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ମୁଖ୍ୟତଃ ଭାରତରେ ତିନୋଟି ଅର୍ଥନୈତିକ କ୍ଷେତ୍ର କାର୍ଯ୍ୟ କରୁଅଛି । ଯଥା:- ସରକାରୀକ୍ଷେତ୍ର, ଘରୋଇକ୍ଷେତ୍ର ବା ବ୍ୟକ୍ତିବିଶେଷ ଏବଂ ମିଳିତକ୍ଷେତ୍ର ବା ଯୌଥକ୍ଷେତ୍ର । ଭାରତୀୟ ଇସ୍ପାତ୍ ନିଗମ, ଭାରତୀୟ ରେଳବାଇ, ଭାରତୀୟ ସଂଚାର ନିଗମ ଲିମିଟେଡ୍, ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା, ଭାରତୀୟ ସେନା ଇତ୍ୟାଦି ସରକାରୀ କ୍ଷେତ୍ରର ଅଂଶବିଶେଷ ଅଟେ । ସେହିପରି କୁଟୀରଶିଳ୍ପ, କ୍ଷୁଦ୍ର ବ୍ୟବସାୟୀ, କୃଷି ଏବଂ ପଶୁପାଳନ, ଟାଟା ମୋଟରସ୍, (ଇଣ୍ଡଷ୍ଟ୍ରିଜ୍), ମାରୁତି ଉଦ୍ୟୋଗ, ପ୍ରୋକ୍‌ଟର୍ ଏଣ୍ଡ ଗାମ୍ବଲ ଇଣ୍ଡିଆ, ଉଇପ୍ରୋ ପରି ବଡ଼ ବଡ଼ କମ୍ପାନୀ ଘରୋଇ ବା ବ୍ୟକ୍ତି କ୍ଷେତ୍ରର ଉଦାହରଣ ଅଟନ୍ତି । ସେହିପରି ଯୌଥକ୍ଷେତ୍ରରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରାଯାଇଥାଏ । ଯଥା- ସଡ଼କ ପରିବହନ, ମାଲ୍ ପରିବହନ, ଅତ୍ୟାବଶ୍ୟକ ଦ୍ରବ୍ୟ ବଣ୍ଟନ, ବିଦ୍ୟୁତ୍ ଉତ୍ପାଦନ ଏବଂ ବଣ୍ଟନ ଇତ୍ୟାଦି ।

## (ଖ) ସରକାରୀ କ୍ଷେତ୍ର

ଭାରତୀୟ ଅର୍ଥବ୍ୟବସ୍ଥାରେ ସରକାରୀ କ୍ଷେତ୍ର ଏକ ମୁଖ୍ୟ ବ୍ୟବସ୍ଥା ଅଟେ । ସରକାରୀ ସ୍ତରରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଏବଂ ନିରାପତ୍ତା ଇତ୍ୟାଦି ଯୋଗାଇ ଦିଆଯାଇଥାଏ । ପୁଣି ଦେଶର ବିକାଶ ପାଇଁ କୃଷି ଏବଂ ଶିଳ୍ପର ସମୃଦ୍ଧି ଏକାନ୍ତ ଆବଶ୍ୟକ । ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଋଣ ଯୋଗାଇବା ହେଲା ଏହାର ମୁଖ୍ୟ କାର୍ଯ୍ୟ । ଯଦିଓ ୧୯୯୧ ମସିହା ପରଠାରୁ ଉଦାରୀକରଣ ନୀତିକୁ ପ୍ରୋତ୍ସାହନ ଦିଆଯାଉଅଛି ଏବଂ ଏଥିପାଇଁ ସରକାରୀ କ୍ଷେତ୍ରର ଗୁରୁତ୍ୱକୁ କ୍ରମଶଃ ହ୍ରାସ କରାଯାଉଅଛି ତଥାପି ଏହା ଭାରତୀୟ ଅର୍ଥବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ ।

## (ଗ) ଯୋଜନା

ସ୍ୱାଧୀନତା ପରଠାରୁ ଭାରତରେ ଆର୍ଥନୀତିକ ବିକାଶ କାର୍ଯ୍ୟକ୍ରମମାନ ଯୋଜନା ମାଧ୍ୟମରେ କରାଯାଉଅଛି । ଭାରତୀୟ ଯୋଜନା କମିଶନ ଭାରତ ସରକାରଙ୍କ ଦ୍ୱାରା ୧୫ ମାର୍ଚ୍ଚ ୧୯୫୦ ମସିହାଠାରୁ ଗଠନ କରାଯାଇ ଦେଶର ବିକାଶ ପାଇଁ କାର୍ଯ୍ୟ କରିଆସୁଅଛି । ୨୦୦୭ ମସିହା ଠାରୁ ଦେଶରେ ଏକାଦଶ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଉଅଛି ।

## (ଘ) ଦ୍ରୁତ ଜନସଂଖ୍ୟା ବୃଦ୍ଧି

ଜନସଂଖ୍ୟା କ୍ଷେତ୍ରରେ ଭାରତ ପୃଥିବୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । (ଚୀନ୍ ପ୍ରଥମ) । ୨୦୦୧ ମସିହା ଜନଗଣନା ଅନୁସାରେ ଏହାର ଜନସଂଖ୍ୟା ୧୦୨ରୁ ୧୦୩ କୋଟି ମଧ୍ୟରେ ଥିଲା । ବୃଦ୍ଧିର ହାର କ୍ରମାଗତ ଭାବରେ ବୃଦ୍ଧି ପାଇଆସୁଥିବାବେଳେ ଚଳିତ ଜନଗଣନା କାର୍ଯ୍ୟକ୍ରମରେ ତାହା କିଛିମାତ୍ରାରେ କମିବାର ଆଶା କରାଯାଏ । ତେବେ ଏହି ବୃଦ୍ଧିର ହାର ପାଖାପାଖି ୧୯୯୧ରୁ ୨୦୦୧ ମଧ୍ୟରେ ୨୨% ବୋଲି ଗଣନା କରାଯାଇଅଛି । ନିରକ୍ଷରତା ଜନସଂଖ୍ୟା ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି ଆଜି ବିବେଚନା କରାଯାଉଛି ।

## (ଙ) ସ୍ୱଳ୍ପ ମୁଣ୍ଡପିଛା ଆୟ

ଦେଶର ମୋଟ୍ ଜାତୀୟ ଆୟକୁ ଏହାର ଜନସଂଖ୍ୟା ଦ୍ୱାରା ଭାଗକଲେ ସେହି ଦେଶର ମୁଣ୍ଡପିଛା ଆୟ ଜଣାପଡ଼େ । ୨୦୦୨ ମସିହାରେ ପ୍ରକାଶିତ ବିଶ୍ୱ ବିକାଶ ଚିଠା (World Development Report) ଅନୁଯାୟୀ ଭାରତର ମୁଣ୍ଡପିଛା ଆୟ ୪୬୦ (ଆମେରିକୀୟ ଡଲାର୍) ଥିଲା ଯାହାକି ଅତି ନିମ୍ନ । ଏହା ଭାରତର ଦୁର୍ବଳ ଆର୍ଥିକ ସ୍ଥିତିର ପରିଚୟ ଦିଏ । ତେବେ ବିଗତ ଦିନମାନଙ୍କରେ ଭାରତର ଶିଳ୍ପ ସଂସ୍ଥାନର କ୍ରମାଗତ ବୃଦ୍ଧି ବିଶେଷତଃ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟାର ବୃଦ୍ଧି ଭାରତର ଅର୍ଥନୀତିକୁ ବିଶେଷ ଭାବରେ ପ୍ରଭାବିତ କରି ମୁଣ୍ଡପିଛା ଆୟରେ ବୃଦ୍ଧି ଘଟାଇଛି ।

## (ଚ) କୃଷିର ପ୍ରାଧାନ୍ୟ

ଭାରତ ମୁଖ୍ୟତଃ ଏକ କୃଷିପ୍ରଧାନ ଦେଶ ଅଟେ । ତେଣୁ ଏହାର ଅର୍ଥବ୍ୟବସ୍ଥା ତଦନୁଯାୟୀ କୃଷି ଉପରେ ପୁରାପୁରି ନିର୍ଭରଶୀଳ । ମୌସୁମୀ ପ୍ରବାହରେ ଅନିୟମିତତା ଯୋଗୁଁ ଏହାର ଅର୍ଥନୀତି ପ୍ରଭାବିତ ହୋଇଥାଏ । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏବଂ ମନ୍ଥର ଶିଳ୍ପାୟନ ଯୋଗୁଁ ଭାରତର ଲୋକମାନେ କୃଷି ଉପରେ ନିର୍ଭରଶୀଳ । ୨୦୦୩-୦୪ ବର୍ଷରେ ଭାରତର ମୋଟ୍ ଜାତୀୟ ଆୟର ପ୍ରାୟ ଏକ ଚତୁର୍ଥାଂଶ (୨୪.୪%) କୃଷିଭିତ୍ତିକ କାର୍ଯ୍ୟକ୍ରମରୁ ଆସିଥିବାର ଜଣାଯାଏ । ସେହିପରି ଭାରତର ମୋଟ୍ ଶ୍ରମିକ ସଂଖ୍ୟାର (୫୬%) (ହାରାହାରି) କୃଷି କାର୍ଯ୍ୟରେ ନିୟୋଜିତ ହୋଇଥିବାର ଜଣାଯାଏ । ଦେଶର ମୋଟ୍ ରପ୍ତାନି ମୂଲ୍ୟର (୧୩.୨%) କୃଷିଜାତ ଦ୍ରବ୍ୟରୁ ଆସିଥାଏ ।

## (ଛ) ଆୟ ଓ ସମ୍ପଦ ବଣ୍ଟନରେ ଅସମାନତା

ଭାରତରେ ଆୟ ଓ ସମ୍ପଦର ଅସମାନତା ସାଧାରଣତଃ ବ୍ୟକ୍ତି ଏବଂ ଆଞ୍ଚଳିକ ସ୍ତରରେ ଦେଖାଯାଏ । ବଡ଼ବଡ଼ ଉଦ୍ୟୋଗ ଯଥା, ବହୁରାଷ୍ଟ୍ରୀୟ ଉଦ୍ୟୋଗ ଗୁଡ଼ିକରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ଆୟ ଅଧିକ ହୋଇଥିଲାବେଳେ ବହୁ ଲୋକ ଦାରିଦ୍ର୍ୟର ସୀମାରେଖାତଳେ ଅଛନ୍ତି । ଏପରିକି ଦୁଇବେଳା ଖାଇବାକୁ ବି ସେମାନେ ପାଇନଥାନ୍ତି । ୧୯୯୯-୨୦୦୦ ବର୍ଷର ଆକଳନ ଅନୁଯାୟୀ ଭାରତରେ ହାରାହାରି ୨୬.୧% ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ଥିଲେ । ଓଡ଼ିଶାରେ ଏହି ସଂଖ୍ୟା ଆହୁରି ଅଧିକ ଅଟେ । ୨୦୦୦-୦୧ ବର୍ଷରେ ପଞ୍ଜାବର ମୁଣ୍ଡପିଛା ଆୟ ୨୫୬୫୨ ଟଙ୍କା ଥିଲାବେଳେ ଓଡ଼ିଶାର ମୁଣ୍ଡପିଛା ଆୟ ୧୬୧୪୯ (୨୦୧୦) ଥିଲା । ଏହି ତାରତମ୍ୟ ଆଞ୍ଚଳିକ ଆର୍ଥନୈତିକ ବୈଷମ୍ୟର ସୂଚନା ଦିଏ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ମଧ୍ୟରେ ଦୁଇଟଙ୍କିଆ ଚାଉଳ ଅନ୍ୟତମ । ଏହା ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ।

## (ଜ) ବେକାରୀ

ଭାରତୀୟ ଅର୍ଥବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ହେଲା ବେକାରୀ ସମସ୍ୟା । ବେକାରୀମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଛି । (୧) ଋତୁକାଳୀନ ବେକାରୀ (୨) ପ୍ରଚ୍ଛନ୍ନ ବେକାରୀ । ଭାରତ ଏକ ଜନବହୁଳ ଦେଶ ଏବଂ ଏଠାରେ ଜନସଂଖ୍ୟା ବୃଦ୍ଧିର ହାର ଅଧିକ ହେତୁ ବେକାରୀ ଏକ ମୁଖ୍ୟ ସମସ୍ୟା ରୂପେ ଦେଖାଦେଇଅଛି । ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ କର୍ମନିଯୁକ୍ତି ନ ମିଳିବା, ଶିକ୍ଷାର ପ୍ରସାର ଯୋଗୁଁ ଶିକ୍ଷିତ ବେକାରମାନଙ୍କ ସଂଖ୍ୟା ବୃଦ୍ଧି ହେବା ଇତ୍ୟାଦି ବେକାରୀ ସମସ୍ୟାକୁ ଉତ୍କଟ କରିଛି । ଭାରତ ଏକ କୃଷିପ୍ରଧାନ ଦେଶ ଏବଂ ଅଧିକାଂଶ ଲୋକ କୃଷି ଏବଂ ତତ୍‌ସଂଲଗ୍ନ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । ଯେହେତୁ କୃଷି ଏକ ଋତୁକାଳୀନ ବ୍ୟାପାର, କୃଷିକାର୍ଯ୍ୟ ପରେ ବର୍ଷର ଅନେକ ଦିନ ଲୋକମାନେ କିଛି କାମ କରିବାକୁ ପାଆନ୍ତି ନାହିଁ (କାରଣ ସବୁ ଜମିଗୁଡ଼ିକରେ ଜଳସେଚନ ସୁବିଧା ନାହିଁ) । ସେହିମାନଙ୍କୁ ଋତୁକାଳୀନ ବେକାରୀ ବୋଲି କୁହାଯାଏ । ଉପଯୁକ୍ତ କର୍ମସଂସ୍ଥାନର ଅଭାବ ସାଙ୍ଗକୁ ଦ୍ରୁତ ଜନସଂଖ୍ୟା ବୃଦ୍ଧି ହେତୁ କୃଷିକ୍ଷେତ୍ରରେ ଆବଶ୍ୟକତା ଠାରୁ ଢେର ଅଧିକା ଲୋକ କାମ କରନ୍ତି । ଖାଲି କୃଷି ନୁହେଁ କଳକାରଖାନା, ଘରୋଇ ସଂସ୍ଥା, ସରକାରୀ ସଂସ୍ଥା, ରିକ୍‌ସା ଚାଳକ, ଦିନ ମଜୁରିଆ ଇତ୍ୟାଦି କ୍ଷେତ୍ରରେ ସବୁବେଳେ ବଳକା ଶ୍ରମିକ ଅଛନ୍ତି । ସେମାନଙ୍କୁ ପ୍ରଚ୍ଛନ୍ନ ବେକାରୀ ବୋଲି କୁହାଯାଏ । ବେକାରୀ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସ୍ତରରେ ପଦକ୍ଷେପମାନ ନିଆଯାଉଥିଲେ ହେଁ ଏହା ଯଥେଷ୍ଟ ନୁହେଁ ଏବଂ ଏହା କ୍ରମଶଃ ଉତ୍କଟ ହେବାରେ ଲାଗିଛି ।

## (ଝ) ପ୍ରାକୃତିକ ସମ୍ପଦର ଅପୂର୍ଣ୍ଣ ଉପଯୋଗ :

ପ୍ରାକୃତିକ ସମ୍ପଦରେ ଆମ ଦେଶ ପରିପୂର୍ଣ୍ଣ ଏବଂ ଦେଶର ବିକାଶ ନିମନ୍ତେ ଏଗୁଡ଼ିକର ସଦୁପଯୋଗ ନିତାନ୍ତ ଆବଶ୍ୟକ । କିନ୍ତୁ ଏସବୁ ସମ୍ପଦର ପୂର୍ଣ୍ଣ ମାତ୍ରାରେ ଉପଯୋଗ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ଯଥା- ଲୁହାପଥର, ମାଙ୍ଗାନିଜ୍, ବକ୍‌ସାଇଟ୍, କ୍ରୋମାଇଟ୍, କୋଇଲା ଇତ୍ୟାଦି ଖଣିଜ ପଦାର୍ଥ ପର୍ଯ୍ୟାପ୍ତ ପରିମାଣରେ ଥିଲେ ମଧ୍ୟ ପୂର୍ଣ୍ଣମାତ୍ରାରେ ଉପଯୋଗ ହେଉନାହିଁ । ଏହାର ଅନ୍ୟ ଏକ କାରଣ ହେଲା ଅନୁନ୍ନତ ଶିଳ୍ପ ଓ ବୈଷୟିକ ଜ୍ଞାନ କୌଶଳ । ଅବାଧ ଗଛକଟା ଦ୍ୱାରା ଜଙ୍ଗଲ ସମ୍ପଦ କ୍ଷୟ ହେବାରେ ଲାଗିଛି । ଜଳର ସଦୁପଯୋଗ ଏବଂ ସଂରକ୍ଷଣ ନ କରିବା

ଦ୍ୱାରା ଜଳସଂପଦ ମଧ୍ୟ କ୍ଷୟ ହେବାରେ ଲାଗିଛି । ଯାହାକି ଭବିଷ୍ୟତରେ ଏକ ବିରାଟ ବିପଦକୁ ଆବାହନ କରୁଛି ।

## (ଟ) ନ୍ୟୂନତମ ଆଧାରିକ ସଂରଚନା

ବିଦ୍ୟୁତିକରଣ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ଚିକିତ୍ସାଳୟ, ଜଳସେଚନ, ପାନୀୟଜଳ ଯୋଗାଣ ଇତ୍ୟାଦିର ବ୍ୟବସ୍ଥାକୁ ଆଧାରିକ ସଂରଚନା ବୋଲି କୁହାଯାଏ । ଦେଶର ଅଭିବୃଦ୍ଧି ଓ ବିକାଶ ପାଇଁ ଏଗୁଡ଼ିକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଯେଉଁ ଦେଶର ଆଧାରିକ ସଂରଚନା ଯେତେ ଉନ୍ନତ, ସେ ଦେଶର ଅର୍ଥନୀତି ସେତେ ସମୃଦ୍ଧି । ଏଠାରେ ଏକ ଉଦାହରଣ ନିଆଯାଇପାରେ- ଯଥା, ଯୁକ୍ତରାଷ୍ଟ୍ର ଆମେରିକାର ଆଧାରିକ ସଂରଚନା ତା'ର ଜନସଂଖ୍ୟା ତୁଳନାରେ ଏତେ ବେଶି ଯେ ତା'ର ପ୍ରଭାବ ଲୋକମାନଙ୍କର ଜୀବନଯାପନ ପ୍ରଣାଳୀରୁ ଜଣାପଡ଼େ । କିନ୍ତୁ ଏସବୁ ସୁବିଧା ଯୋଗାଇବା କ୍ଷେତ୍ରରେ ଆମ ଦେଶ ସନ୍ତୋଷଜନକ ଅଗ୍ରଗତି କରିପାରିନାହିଁ । ଆମ ଦେଶର ମୋଟ୍ ଜନସଂଖ୍ୟାର ଏକ ତୃତୀୟାଂଶ ଏବେ ବି ନିରକ୍ଷର (୨୦୦୧ରେ ୩୪.୬%) ଏବଂ ପାଖାପାଖି ଅଧାଅଧି ଗ୍ରାମକୁ ସଡ଼କପଥର ସୁବିଧା ଓ ବିଜୁଳି ଆଲୋକ ଯୋଗାଣ ସୁବିଧା କରାଯାଇନାହିଁ । ଏପରିକି ବର୍ତ୍ତମାନ ପରିସ୍ଥିତିରେ ଅନେକ ଗ୍ରାମରେ ମଧ୍ୟ ଶୁଦ୍ଧ ପାନୀୟ ଜଳ ଯୋଗାଣ ଉପଲବ୍ଧ ହୋଇପାରୁନାହିଁ ।

ତେଣୁ ଉପରୋକ୍ତ ସମସ୍ତ କାରଣ ଗୁଡ଼ିକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଭାରତ ଏକ ସ୍ୱଳ୍ପ ଆୟ ବିଶିଷ୍ଟ ବିକାଶୋନ୍ମୁଖୀ ଦେଶ ।

## ପ୍ରଶ୍ନାବଳୀ

### ଆର୍ଥନୀତିକ ବିକାଶ ଓ ଭାରତୀୟ ଅର୍ଥବ୍ୟବସ୍ଥା

୧. **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

(କ) ଆର୍ଥନୀତିକ ବିକାଶ କାହାକୁ କୁହାଯାଏ ?

(ଖ) ଆର୍ଥନୀତିକ ବିକାଶ ପାଇଁ କେଉଁ ଚାରୋଟି ସର୍ତ୍ତ ପୂରଣ ହେବା ଦରକାର ?

(ଗ) ମାନବ ବିକାଶ ସୂଚକ କ'ଣ ଓ ଏହା କେଉଁ କେଉଁ ଉପାଦାନମାନଙ୍କୁ ନେଇ ନିରୂପଣ କରାଯାଏ ?

(ଘ) ଅର୍ଥବ୍ୟବସ୍ଥାର ନାମକରଣ କିପରି ହୋଇଥାଏ ?

(ଙ) ଅର୍ଥବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର ବିଷୟରେ ଲେଖ ।

(ଚ) ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା ବିଷୟରେ ସମ୍ୟକ ଧାରଣା ଦିଅ ।

(ଛ) ସମାଜବାଦୀ ଅର୍ଥବ୍ୟବସ୍ଥା କ'ଣ ? ଏହା ବିଷୟରେ ଲେଖ ।

(ଜ) ମିଶ୍ରିତ ଅର୍ଥବ୍ୟବସ୍ଥା କାହାକୁ କୁହାଯାଏ ଓ ଏହାର ବୈଶିଷ୍ଟ୍ୟଗୁଡ଼ିକୁ ବର୍ଣ୍ଣନା କର ।

(ଝ) ବିକାଶୋନ୍ମୁଖୀ ଦେଶ କହିଲେ କ'ଣ ବୁଝ ? ଏହିପରି କିଛି ଦେଶମାନଙ୍କର ଉଦାହରଣ ଦିଅ ।

(ଞ) ବିକଶିତ ଦେଶର ସଂଜ୍ଞା ଦିଅ ।

(ଟ) ଭାରତୀୟ ଅର୍ଥବ୍ୟବସ୍ଥା ବିଷୟରେ ସଂକ୍ଷେପରେ ଆଲୋଚନା କର ।

(ଠ) ଓଡ଼ିଶାର ଆର୍ଥନୀତିକ ରୂପରେଖ ସଂକ୍ଷେପରେ ପ୍ରଦାନ କର ।

**୨. ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।**

| | |
|---|---|
| (କ) ଜାତୀୟ ଆୟ | (ଛ) ମାନବ ବିକାଶ ସୂଚକ |
| (ଖ) ମୁଣ୍ଡପିଛା ଆୟ | (ଜ) ବେକାରୀ |
| (ଗ) ଉତ୍ପାଦନ | (ଝ) ଦାରିଦ୍ର୍ୟ |
| (ଘ) ମୌଳିକ କ୍ଷେତ୍ର | (ଞ) ଅଣପାରମ୍ପରିକ ଆର୍ଥନୀତିକ କ୍ଷେତ୍ର |
| (ଙ) ତୃତୀୟକ କ୍ଷେତ୍ର | (ଟ) ସଂଚୟ ଓ ପୁଞ୍ଜିଗଠନ |
| (ଚ) ମାଧ୍ୟମିକ କ୍ଷେତ୍ର | (ଠ) ଉପଭୋଗ |

**୩. ପାର୍ଥକ୍ୟ ଦର୍ଶାଅ ।**

(କ) ବିକଶିତ ରାଷ୍ଟ୍ର ଓ ବିକାଶୋନ୍ମୁଖୀ ରାଷ୍ଟ୍ର

(ଖ) ମାଧ୍ୟମିକ କ୍ଷେତ୍ର ଓ ସେବାକ୍ଷେତ୍ର

(ଗ) ଜାତୀୟ ଆୟ ଓ ମୁଣ୍ଡପିଛା ଆୟ

(ଘ) ସମାଜବାଦୀ ଅର୍ଥବ୍ୟବସ୍ଥା ଓ ମିଶ୍ରିତ ଅର୍ଥବ୍ୟବସ୍ଥା

(ଙ) ଉତ୍ପାଦନ ଓ ସଂଚୟ

**୪. ଶୂନ୍ୟସ୍ଥାନ ପୂରଣ କର ।**

(କ) ମୋଟ ଜାତୀୟ ଆୟକୁ ସମୁଦାୟ ଜନସଂଖ୍ୟାରେ ଭାଗ କଲେ ______ ଆୟର ଆକଳନ କରିହୁଏ ।
(ମୁଣ୍ଡପିଛା ଆୟ, ମୁଣ୍ଡପିଛା ବ୍ୟୟ, ରାଷ୍ଟ୍ରୀୟ ଆୟ)

(ଖ) ଭାରତୀୟ ଅର୍ଥବ୍ୟବସ୍ଥାକୁ ______ ଅର୍ଥବ୍ୟବସ୍ଥା ବୋଲି କୁହାଯାଏ ।
(ପୁଞ୍ଜିବାଦୀ, ସମାଜବାଦୀ, ମିଶ୍ରିତ)

**୫. ତୁମ ପାଇଁ କାମ ।**

(କ) ତୁମ ଅଞ୍ଚଳରେ ମିଳୁଥିବା ପ୍ରାକୃତିକ ସମ୍ପଦର ସୁବିନିଯୋଗ ହେଉଛି କି ? ଏହାର ଏକ ଟିପ୍ପଣୀ ଲେଖ ।

(ଖ) ଓଡ଼ିଶାର ଅର୍ଥନୈତିକ ବିକାଶର ପ୍ରତିବନ୍ଧକଗୁଡ଼ିକ କ'ଣ ଓ ଏସବୁ କିପରି ଦୂରୀଭୂତ ହେବ ତା ସମ୍ପର୍କରେ ଏକ ଯୋଜନା ପ୍ରସ୍ତୁତ କର ।

●●●